## ସାପ୍ତାହିକ ହାଟରୁ ମଦ ଜବତ: ୩ ଗିରଫ

ବୈଶିଙ୍ଗା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଅଁଳା ପଞ୍ଚାୟତର ହରିପୁର ସାପ୍ତାହିକ ହାଟରେ ପୋଲିସ ଚଢ଼ାଉ କରି ଦେଶୀ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଆଳଦିଆ ଗ୍ରାମର ତାରାକାନ୍ତ ସାହୁ, ହରିପୁର ଗ୍ରାମର ପୀତାମ୍ବର ଜେନା ଏବଂ ସଞ୍ଜୟ ଦଳେଇ। ଏନେଇ ବୈଶିଙ୍ଗା ଥାନାରେ ୨୫୨,୨୫୩ ଓ ୨୫୪/୨୨ ନଂରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### କଣ୍ଟେନର ପଛରେ ପିଟିଲା ଟ୍ରକ୍, ୨ ଚାଳକ ଆହତ

ପାଟଣା, ୨୬।୮(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ ୪୯ ନମ୍ବର ଜାତୀୟ ରାଜପଥର ରେଙ୍ଗାଲବେଡା ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ପାଉଡର ବୋଝେଇ କଣ୍ଟେନର ପଛରେ ପରିବା ବୋଝେଇ ଟ୍ରକ୍ ଧକ୍କା ହୋଇଛି। ଦୁର୍ଘଟଣା ପରେ ଉଭୟ ଗାଡ଼ି ଭାରସାମ୍ୟ ହରାଇ ରାଜପଥ ତଳକୁ ଓଲଟି ପଡ଼ିଥିଲା। ଏଥିରେ ଦୁଇ ଗାଡ଼ିର ଚାଳକ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଦୁଇ ଗାଡ଼ି କୋଲକାତାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ସମୟରେ କଣ୍ଟେନର ହଠାତ୍ ବ୍ରେକ୍ ମାରିବାରୁ ପରିବା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ପଛରେ ପିଟି ହୋଇଥିଲା। ଖବରପାଇ ତୁରୁମୁଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିବା ସହ ଆହତ ଚାଳକଦ୍ୱୟଙ୍କୁ ଡାକ୍ତରଖାନାକୁ ପଠାଇଥିଲା।

### ଭାଲୁ ଆକ୍ରମଣରେ ଦମ୍ପତି ଗୁରୁତର

ଠାକୁରମୁଣ୍ଡା,୨୬।୮(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ଅଧୀନ ସାଲେଇବେଡ଼ା ପଞ୍ଚାୟତର କାଶୀବେଡ଼ା ଗ୍ରାମରେ ଶୁକ୍ରବାର ଭାଲୁ ଆକ୍ରମଣରେ ଦମ୍ପତି ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ଦମ୍ପତି ହେଲେ ହିନ୍ଦୁରାମ ଗୁନଦୁଆ ଓ ତାଙ୍କ ସ୍ତ୍ରୀ ଚୁଙ୍ଗା। ସକାଳ ପ୍ରାୟ ୬ଟା ସମୟରେ ସେମାନେ ଧାନ ବିଲକୁ ଯାଉଥିବା ବେଳେ ଏକ ଭାଲୁ ଆସି ପ୍ରଥମେ ଚୁଙ୍ଗାଙ୍କୁ ଆକ୍ରମଣ କରିଥିଲା। ଭାଲୁ କବଳରୁ ତାଙ୍କୁ ରକ୍ଷା କରିବାକୁ ଯାଇ ହିନ୍ଦୁରାମ ଆକ୍ରମଣର ଶିକାର ହୋଇଥିଲେ। ଉଭୟଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ପହଞ୍ଚି ଯିବାରୁ ଭାଲୁ ସେଠାରୁ ପଳାଇ ଯାଇଥିଲା। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୬।୮(ଡି.ଏନ.ଏ): ମୟୂରଭଞ୍ଜ ଜିଲା ବାଦାମପାହାଡ ଥାନା ଅଧୀନ କାଶିଆବେଡ଼ା ଗ୍ରାମ୍ୟ ରାସ୍ତାରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରୂପା ତିରିଆ(୨୦)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୨) ରୁଜୁ ହୋଇଛି।

### ଯୁବକ ସଂଘ ପକ୍ଷରୁ ଚାରାରୋପଣ

ଆରଡ଼ି, ୨୬।୮ (ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକର କାଶିମପୁର ପଞ୍ଚାୟତ ଅଧୀନ ଖଡ଼ିମାହାରା ଗ୍ରାମର ଜୀବନଜ୍ୟୋତି ଯୁବକ ସଂଘ ପକ୍ଷରୁ ଚାରାରୋପଣ କରାଯାଇଛି। ସଂଘର ସଭାପତି ବାଦଲ ବାରିକ, କାର୍ଯ୍ୟନିର୍ବାହୀ ସଦସ୍ୟ ସୁଶାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ସଦସ୍ୟମାନେ ଗ୍ରାମ ରାସ୍ତାପାର୍ଶ୍ୱ ଓ ଖେଳପଡ଼ିଆ ଚାରିପାଖରେ ଶତାଧିକ ଗଛ ଲଗାଇଛନ୍ତି।

# ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ବାଟ ଫିଟିଲା

## ବାରିପଦା ମୁଢ଼ି

ବାରିପଦା ଅଫିସ,୨୬।୮



ମୟୂରଭଞ୍ଜ ଜିଲା ବାରିପଦା ମୁଢ଼ିର ସ୍ୱତନ୍ତ୍ର ସ୍ୱାଦ ରାଜ୍ୟ ତଥା ଦେଶ ବିଦେଶରେ ପରିଚିତ। ଜିଲାର ଶତପ୍ରତିଶତ ଲୋକ ମୁଢ଼ିକୁ ପ୍ରତିଦିନ ବ୍ୟବହାର କରିଥାନ୍ତି। ମୁଢ଼ି ମାଂସର ଚାହିଦା ପାଇଁ ବାରିପଦା ମୁଢ଼ି ପ୍ରସିଦ୍ଧ। ମେଳା ମହୋତ୍ସବ,ଭୋଜି ଓ ବିବାହ ଉତ୍ସବ ଆଦିରେ ମୁଢ଼ିକୁ ଖୋଜାପଡ଼େ। ଏହାକୁ ଘରେ ଘରେ ପ୍ରସ୍ତୁତି କରାଯାଉଥିବା ବେଳେ ଗାଁ ଗଣ୍ଡାରେ ମଢ଼ି ଭଜା ଫ୍ୟାକ୍ଟ୍ରି ରହିଛି। ଜିଲାରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ମୁଢ଼ି ଫ୍ୟାକ୍ଟ୍ରି ରହିଥିବା ବେଳେ ଏଥିରେ ବହୁ ଲୋକ ନିୟୋଜିତ ହୋଇ ବେଶ ଦୁଇ ପଇସା ରୋଜଗାର କରିପାରୁଛନ୍ତି। ତେବେ ଏହି ମୁଢ଼ିର ଜିଆଇ ଟ୍ୟାଗ୍ (ଭୌଗଳିକ ପରିଚୟ) ମାନ୍ୟତା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି।

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ କମିଶନଙ୍କ ପକ୍ଷରୁ ବାରିପଦା ମୁଢ଼ିର ପଞ୍ଜୀକରଣ ନିମନ୍ତେ ଆବଶ୍ୟକ ତଥ୍ୟ ପ୍ରଦାନ କରିବାକୁ ମୟୂରଭଞ୍ଜ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ମୁଢ଼ି ବ୍ୟବସାୟୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ଦୀର୍ଘ ଦିନ ଧରି ବାରିପଦା ମୁଢ଼ିକୁ ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ କରିବାକୁ ଜିଲାବାସୀ ଦାବି କରି ଆସୁଥିଲେ। ଏହାକୁ ନେଇ ବିଭାଗୀୟ ପତ୍ର ସଂଖ୍ୟା ୩୨୯୨/୨୪।୮। ୨୦୨୨ରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଏହାର ପଞ୍ଜୀକରଣ ପାଇଁ ଆବଶ୍ୟକ ତଥ୍ୟ ମାଗିବା ସହିତ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ପାଇଁ ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗର କମିଶନର ତଥା ସଚିବ ସୁରେଶ ଚନ୍ଦ୍ର ବଶିଷ୍ଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ମୁଢ଼ିର ପ୍ରସ୍ତୁତି ପ୍ରଣାଳୀ, ଉତ୍ପାଦ ସୂଚନା ଫର୍ମ, ଆବେଦନକାରୀ. ସୋସାଇଟିଙ୍କ ନାମ, ଉତ୍ପାଦ ସାମଗ୍ରୀ ବିବରଣୀ, ଶ୍ରେଣୀ, ଉତ୍ପାଦନର ଭୌଗଳିକ ଏରିଆ ଓ ମାନଚିତ୍ର, ଉତ୍ପାଦନର ମୂଳ ସମ୍ବନ୍ଧୀୟ ଐତିହାସିକ ପ୍ରମାଣ,ବିଶେଷତ୍ୱ ଓ ତଦାରଖକାରୀ ଦଳ ସମ୍ପର୍କିତ ସମସ୍ତ ବିବରଣୀ ଓ ଆବେଦନର ମାଧ୍ୟମ ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ଚିଠିରେ ଉଲ୍ଲେଖ ରହିଛି।

# ବିଦେଶରେ ରଙ୍ଗବତୀ ଗୀତରେ ନାଚିଲେ




ଆମେରିକାରେ ବାଲେଶ୍ୱର ଝିଅଙ୍କ ନୃତ୍ୟ।

ବାଲେଶ୍ୱର ଅଫିସ, ୨୬।୮

ବାଲେଶ୍ୱର ଜିଲାର ଯୁବତୀମାନେ ଆମେରିକାର ସିନସିନାଟି ଡାଉନଟାଉନର ଫାଉଣ୍ଟେନ ସ୍କୋୟାରରେ ଓଡ଼ିଆ ସିନସିନାଟି ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ କରିଥିଲେ। ରଙ୍ଗବତୀ ଗୀତ ତାଳେ ତାଳେ ନାଚି ସମସ୍ତଙ୍କ ମନ ମୋହିଥିଲେ।

ଭାରତ ଆଜାଦୀ କା ଅମୃତ ମହୋତ୍ସବ ପାଳୁଥିବା ବେଳେ ଗତ ଗୁରୁବାର ଆମେରିକାରେ ଥିବା ପ୍ରବାସୀ ଭାରତୀୟମାନେ ପ୍ରସିଦ୍ଧ ସମ୍ବଲପୁରୀ ଗୀତ ମାଧ୍ୟମରେ ସମସ୍ତଙ୍କ ମନ ଛୁଇଁପାରିଛନ୍ତି। ଏମିତି କାର୍ଯ୍ୟକ୍ରମକୁ ଓଡ଼ିଆ ଆରଜେ ଅର୍ପିତା ବାସା ସଂଯୋଜନା କରିଥିଲେ। ନୃତ୍ୟଶିଳ୍ପୀ ଭାସ୍ୱତୀ କର, ସିଲା ରାଉତରାୟ, ଏଲିଜା ବେହେରା, ସୁଶ୍ରୀ ଦାଶ, ବୈଶାଳୀ ସେଠୀ, ଅନୁପମା ରାଓ, ଅନୁରାଧା ସିଂ, ଅନ୍ୱେଷା ବାସା ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଭାରତୀୟ ସଂସ୍କୃତିର ବିଭିନ୍ନ ନୃତ୍ୟ, ସଙ୍ଗୀତ ଓ ଡ୍ରାମା ପରିବେଷଣ କରାଯାଇଥିବା ଆରଜେ ଅର୍ପିତା ବାସା ସୂଚନା ଦେଇଛନ୍ତି।

# ରେଳ ସଂଯୋଗୀକରଣ ଦାବିରେ କପ୍ତିପଦା ଉପଖଣ୍ଡ ବନ୍ଦ




ଉଦଳାରେ ବନ୍ଦ ପାଳନ କରାଯାଉଛି।

ଉଦଳା/ଖୁଣ୍ଟା/କୁଆମରା,୨୬।୮ (ଡି.ଏନ.ଏ.)

କପ୍ତିପଦା ଉପଖଣ୍ଡକୁ ରେଳ ସଂଯୋଗୀକରଣ ଦାବିରେ ଶୁକ୍ରବାର ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ୧୨ ଘଣ୍ଟିଆ କପ୍ତିପଦା ଉପଖଣ୍ଡ ବନ୍ଦ ପାଳନ କରାଯାଇଥିଲା। ସକାଳୁ ମୁକ୍ତି ମୋର୍ଚ୍ଚାର ସଦସ୍ୟମାନେ ପିକେଟିଂ କରିବା ସହିତ ଦୋକାନ ବଜାର ବନ୍ଦ କରାଇଥିଲେ। ଉଦଳା ବଣିକ ସଂଘ ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରଖିଥିଲେ। ବିଭିନ୍ନ ସ୍ଥାନକୁ ବସ୍ ଚଳାଚଳ ବନ୍ଦ ରହିଥିଲା। ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ, ତହସିଲ, ସ୍କୁଲ କଲେଜ, ବ୍ୟାଙ୍କ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ବାରିପଦା, ଖୁଣ୍ଟା,ଉଦଳା ରାଜ୍ୟ ରାଜପଥ ଦେଇ ଯାତ୍ରୀବାହି ବସ୍, ମାଲବାହି ଭାରିଯାନ ଗୁଡ଼ିକର ଚଳାଚଳ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଖୁଣ୍ଟା ବଣିକ ସଂଘ ପକ୍ଷରୁ ବଜାରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ବନ୍ଦ କରାଯାଇଥିଲା। କୁଆମରା, ପୁରୁଣା ବାରିପଦା,ଜୟପୁର, ସାଇଁକୁଳ ପ୍ରଭୃତି ସ୍ଥାନରେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ଖୋଲାଥିବା ଦେଖିବାକୁ ମିଳିଥିଲା।

# ୨୧ ହଜାର ଠକି ନେଲେ ଦୁର୍ବୃତ୍ତ

ପାଟଣା,୨୬।୮(ସ୍ୱ.ପ୍ର.)

ଗାଡ଼ି କିଣେଇ ଦେବାକୁ ଡାକି କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ମହମ୍ମଦ ଅମଜେଦଙ୍କଠାରୁ ଦୁର୍ବୃତ୍ତମାନେ ୨୧ ହଜାର ଟଙ୍କା ଠକି ନେଇଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଚମ୍ପୁଆର ମହମ୍ମଦ ଅମଜେଦ ଟ୍ରକ୍ କିଣିବାକୁ ଆଗ୍ରହୀ ଥିଲେ। ମୟୂରଭଞ୍ଜ ଜିଲା ଘାଗରବେଡ଼ାର ସର୍ପ ରାଜ ତାଙ୍କୁ ଏକ ୧୨ ଚକିଆ ଟ୍ରକ୍ କିଣାଇ ଦେବାକୁ କହି ଗାଡ଼ି ଦେଖିବା ପାଇଁ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସମୟରେ ଡାକିଥିଲେ। ଅହମ୍ମଦ ଅମଜେଦ ତାଙ୍କ ମାମୁ ପୁଅ ନବାଜିସ ଆଲାମଙ୍କ ସହ ବାଇକ୍‌ରେ ତୁରୁମୁଙ୍ଗାକୁ ଆସୁଥିବା ସମୟରେ ତାଙ୍କ ନମ୍ବରକୁ ବାରମ୍ବାର କଲ ଆସିଥିଲା। ପରେ ବାରିଆ ଥାନା ଜଜପଶି ଛକ ନିକଟକୁ ଏକ ଧଳା ରଙ୍ଗର ସ୍କର୍ପିଓରେ ୪ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ତାଙ୍କୁ ତୁରୁମୁଙ୍ଗା ନିକଟରେ ଥିବା ଢ଼ାବାକୁ ଆଣିଥିଲେ। ଢ଼ାବାରେ ପହଞ୍ଚିବା ପରେ ପୂର୍ବରୁ ସେଠାରେ ଥିବା ୧୪ଜଣ ଦୁର୍ବୃତ୍ତ ମହମ୍ମଦଙ୍କୁ ୩ ଲକ୍ଷ ଟଙ୍କା ମାଗିଥିଲେ। ମହମ୍ମଦ ଗାଡ଼ି ନ ଦେଖି ଟଙ୍କା ଦେବାକୁ ମନା କରିବାରୁ ତାଙ୍କ ବାଇକ୍ ଚାବି ଓ ମୋବାଇଲ ଛଡ଼ାଇ ନେଇ ଆକ୍ରମଣ କରିବା ସହ ମାରିକି ଫିଙ୍ଗି ଦେବୁ ବୋଲି ଧମକ ଦେଇଥିଲେ। ପରେ ମହମ୍ମଦ ତାଙ୍କ ଘର ଲୋକଙ୍କୁ ଏ ବିଷୟରେ ଜଣାଇବା ପରେ ଚମ୍ପୁଆ ସ୍ଥିତ ଏକ ନେଟକ୍ୟାଫରୁ ପରିବାର ଲୋକେ ଦୁର୍ବୃତ୍ତଙ୍କ ଫୋନ୍ ପେ ମାଧ୍ୟମରେ ୨୧ ହଜାର ଟଙ୍କା ପଠାଇଥିଲେ। ଟଙ୍କା ପାଇବା ପରେ ଦୁର୍ବୃତ୍ତମାନେ ମହମ୍ମଦଙ୍କୁ ଛାଡ଼ି ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିବା ତୁରୁମୁଙ୍ଗା ଥାନାରେ ଗୁରୁବାର ଅଭିଯୋଗ ହୋଇଛି।

## ବିଦ୍ୟାଳୟରେ ଭୋଟର ସଚେତନତା

ବାସୁଦେବପୁର, ୨୬।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଇରମସ୍ଥିତ ଶହୀଦ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଭୋଳାନାଥ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିପିଇଓ (ଭାରପ୍ରାପ୍ତ) ପ୍ରଭାତ ରାଉତ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟରଙ୍କ ଆଧାର ଲିଙ୍କ୍ କରାଯିବା ପ୍ରମୁଖ ଉଦ୍ଦେଶ୍ୟ ହୋଇଥିବା ବେଳେ ବର୍ଷକୁ ୪ ଥର ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ରେ ନୂତନ ଭୋଟରଙ୍କ ନାମ ପଞ୍ଜୀକୃତ ହୋଇପାରିବ ବୋଲି କୁହାଯାଇଥିଲା। ୧୭ବର୍ଷରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ ବୋଲି ଘୋଷଣା କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଶିକ୍ଷାନୁଷ୍ଠାନର ପୂର୍ବତନ ସଭାପତି ପ୍ରଫୁଲ୍ଲ ବିଶ୍ୱାଳ, ମାଷ୍ଟର ପ୍ଲାନର ଅମିୟ ପାଣିଗ୍ରାହୀ, ଅମିୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ରାଜ କିଶୋର ବାରିକ ମଞ୍ଚ ପରିଚାଳନା ଓ ଅଧ୍ୟାପକ ଶରତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବଂଶୀ ବାଦକଙ୍କ ପରଲୋକ

**ବାରିପଦା ଅଫିସ,୨୬।୮:** ବିଶ୍ୱ ପ୍ରସିଦ୍ଧ ମୟୂରଭଞ୍ଜ ଛଉ ନୃତ୍ୟର ବଂଶୀ ବାଦକ ବାବାଜୀ ଦାସ(୯୪)ଙ୍କ ପରଲୋକ ଘଟିଛି। ଏ ନେଇ ଛଉ ନୃତ୍ୟ ପ୍ରତିଷ୍ଠାନର କଳାକାରମାନେ ଶୋକ ପ୍ରକାଶ କରିଛନ୍ତି। ସେ ୧୯୭୦ରେ ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନରେ ପ୍ରଥମେ ଯୋଗଦେଇ ବଂଶୀ ବାଦନ କରୁଥିଲେ। ପରେ ୧୯୭୨ରେ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନକୁ ଆସି ଜଣେ ଦକ୍ଷ କଳାକାର ଭାବେ ନିଜକୁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତିଷ୍ଠିତ କରାଇ ପାରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଛନ୍ତି।

# ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଝୁମ୍ପୁରା,୨୬।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ତହସିଲ କାର୍ଯ୍ୟାଳୟରେ 'ଧରିତ୍ରୀ' ବ୍ଲକ ଖବରଦାତା ଶଶୀଭୂଷଣ ସାହୁଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସେ ଜିଲା ପ୍ରଶାସନ ଓ ସାମ୍ବାଦିକ ସଂଘର ଦୃଷ୍ଟି ଆକର୍ଷଣ କରିଛନ୍ତି।

ଖବରଦାତା ସାହୁ ଆଦିବାସୀମାନଙ୍କୁ ଦିଆଯାଇଥିବା ଜଙ୍ଗଲ ଜମି ପଟ୍ଟା ସମ୍ପର୍କିତ ଏକ ରିପୋର୍ଟ ବୁଝିବା ପାଇଁ ଶୁକ୍ରବାର ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ପ୍ରଥମେ ତହସିଲଦାରଙ୍କ ସହିତ କଥା ହୋଇ ସେ ଉପର ମହଲାରେ ଥିବା ରେକର୍ଡ ରୁମ୍‌କୁ ଯାଇଥିଲେ। ରେକର୍ଡ ରୁମରେ ଅମିନଙ୍କ ସହିତ କଥା ହେଉଥିବା ବେଳେ ରେକର୍ଡକିପର ରଞ୍ଜନ କୁମାର ପାତ୍ର ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ତମେ କିଏ, ତମ ପରିଚୟ ପତ୍ର ଦେଖାଅ ବୋଲି କହିଥିଲେ। ଖବରଦାତା ସାହୁ ପରିଚୟ ପତ୍ର ଦେଖାଇବା ପରେ 'ସବୁ ସାମ୍ବାଦିକ ଏକା ଭଳିଆ, ତମେ ସବୁ ନିଜକୁ କ'ଣ ଭାବୁଛ' ବୋଲି ରେକର୍ଡ କିପର ପାତ୍ର କହିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ତହସିଲ କାର୍ଯ୍ୟାଳୟର କେତେଜଣ କର୍ମଚାରୀ ନିଜକୁ ସର୍ବେସର୍ବା ଭାବିବା ସହିତ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର ଦେଖାଇବା ନିତି ଦିନିଆ ଘଟଣାରେ ପରିଣତ ହେଲାଣି। ଯାହା ଫଳରେ ସରକାରଙ୍କ 'ଆମ ତହସିଲ, ଆମ ଗାଁରେ' ଯୋଜନାର ସୁଫଳ ପାଇବାରୁ ଲୋକେ ବଞ୍ଚିତ ହେଉଥିବା ଲକ୍ଷ୍ୟ କରାଯାଉଛି।

# ରାଜ୍ୟସ୍ତରୀୟ କ୍ରୀଡ଼ାରେ କୃତୀ ଶୁଭ୍ରାଂଶୁଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୨୬।୮ (ସ୍ୱ.ପ୍ର./ଡି.ଏନ.ଏ.)




ପ୍ରଧାନଆଚାର୍ଯ୍ୟଙ୍କ ସହ ଛାତ୍ର ଶୁଭ୍ରାଂଶୁ ଦାଶ।

କେନ୍ଦୁଝରଗଡ଼ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବମ ଶ୍ରେଣୀ ଛାତ୍ର ଶୁଭ୍ରାଂଶୁ ଦାଶ ରାଜ୍ୟସ୍ତରୀୟ କ୍ରୀଡ଼ାରେ କୃତିତ୍ୱ ହାସଲ କରିଛନ୍ତି। ସେ ଡି.ଏନ୍. ହାଇସ୍କୁଲରେ ବ୍ଲକସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ପ୍ରଥମ ହୋଇ ଯାଜପୁରଠାରେ ଜିଲାସ୍ତରୀୟ ଏବଂ ଭୁବନେଶ୍ୱରସ୍ଥିତ କିଟ୍ସ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟସ୍ତରୀୟ କ୍ରୀଡ଼ାରେ ମନୋନୀତ ହୋଇଥିବାରୁ ରାଜ୍ୟ ସରକାର ତାଙ୍କୁ କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟିଂ ହଷ୍ଟେଲରେ ସ୍ୱତନ୍ତ୍ର ଭାବେ କୋଚିଂ ଦେଇ ଶିକ୍ଷାଦାନ ବ୍ୟବସ୍ଥା କରିଛନ୍ତି। ବିଦ୍ୟାଳୟର ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ତାଙ୍କୁ ପୁରସ୍କୃତ କରିବା ସହ ପରିଚାଳନା ସମିତି ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଫେସ୍‌ବୁକ୍‌ରେ ଧର୍ମୀୟ ଭାବନାକୁ ଆଘାତ

## ଏସ୍‌ପିଙ୍କ ନିକଟରେ ଅଭିଯୋଗ କଲା ଭାଜପା ମହିଳା ମୋର୍ଚ୍ଚା

ଭଦ୍ରକ ଅଫିସ,୨୬।୮

ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଜଣେ ବ୍ୟକ୍ତି ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଲା ଭଳି ପୋଷ୍ଟ କରିଥିବା ନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଗୁରୁବାର ଭଦ୍ରକ ଜିଲା ଏସ୍‌ପିଙ୍କୁ ଭେଟି ଅଭିଯୋଗ କରାଯାଇଛି। ଉକ୍ତ ବ୍ୟକ୍ତି ହିନ୍ଦୁ ଧର୍ମର ଦେବଦେବୀଙ୍କ ସମ୍ପର୍କରେ ଆପତ୍ତିଜନକ ଭାଷା ଫେସ୍‌ବୁକରେ ବ୍ୟବହାର କରିଛନ୍ତି। ମହିଳା ମୋର୍ଚ୍ଚାର ଜିଲା ସଭାନେତ୍ରୀ ହରପ୍ରିୟା ସାହୁ ଏହାକୁ ତୀବ୍ର ବିରୋଧ କରି ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଫେସ୍‌ବୁକରୁ ଉକ୍ତ ପୋଷ୍ଟ ତୁରନ୍ତ ହଟାଯିବା ବ୍ୟବସ୍ଥା ସହ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କ ସହ ପଦ୍ମିନୀ ଦ୍ୱିବେଦୀ, ଚୈତାଳି ଖିଲାର, ମଞ୍ଜୁବାଳା ସିହ୍ନା ଏବଂ ସ୍ୱର୍ଣ୍ଣଲତା ମିଶ୍ର ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟିଥିଲେ।



ଭାଜପା ମହିଳା ମୋର୍ଚ୍ଚା ନେତ୍ରୀମାନେ ଏସ୍‌ପି ଚରଣ ସିଂ ମୀନାଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି।

# ଗଣେଶପୂଜା ଲାଗି ସହର ଚଳଚଞ୍ଚଳ

■ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର

■ରୌପ୍ୟଜୟନ୍ତୀ ପାଳନ କରୁଛି ପାରାଡାଇଜ୍, ବଏଜ୍ କ୍ଲବ

ବାଲେଶ୍ୱର ଅଫିସ, ୨୬।୮

ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜା ନିମନ୍ତେ ବାଲେଶ୍ୱର ସହର ଚଳଚଞ୍ଚଳ ହୋଇପଡ଼ିଛି। କରୋନା କଟକଣା ପାଇଁ ଦୀର୍ଘ ୨ବର୍ଷ ହେଲା ପୂଜା ବନ୍ଦ ଥିବା ବେଳେ ଚଳିତବର୍ଷ ଅନୁମତି ମିଳିଥିବାରୁ ବିଭିନ୍ନ କମିଟି ପକ୍ଷରୁ ଉତ୍ସାହ ଦେଖାଦେଇଛି। ପୂଜାକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ମେଢ଼ ସହ ମୂର୍ତ୍ତି ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ପ୍ରଶାସନ ପକ୍ଷରୁ ଗତ ୨୨ତାରିଖରେ ଶାନ୍ତିଶୃଙ୍ଖଳା ନିମନ୍ତେ ବୈଠକ ହୋଇସାରିଛି। ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ବିଭିନ୍ନ ନିୟମ ଭିତରେ ରହି ପୂଜା କମିଟିଗୁଡ଼ିକ ମୂର୍ତ୍ତି ଏବଂ ସେମାନଙ୍କ ମେଢ଼ ସୀମିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାରଠାରୁ ମଣ୍ଡପରେ ପୂଜା ନିମନ୍ତେ ଆବଶ୍ୟକ ଅନୁମତି ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ କମିଟିଗୁଡ଼ିକ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

ସହରରେ ପ୍ରାୟ ଶହେରୁ ଅଧିକ କ୍ଲବ ତଥା କମିଟି ପକ୍ଷରୁ ବିଭିନ୍ନ ମଣ୍ଡପରେ ଗଣେଶଙ୍କ ପୂଜା କରାଯାଇଥାଏ। ବିବେକାନନ୍ଦ ମାର୍ଗରେ ଥିବା ପୂଜାମଣ୍ଡପଗୁଡ଼ିକ ମୁଖ୍ୟ ଆକର୍ଷଣ ସାଜିଥାଏ। ମାତ୍ର ୪ଶହ ମିଟର ମଧ୍ୟରେ ୩୮ ପୂଜାମଣ୍ଡପରେ ଶ୍ରୀଗଣେଶ ପୂଜା ପାଇଥାନ୍ତି। ବିଭିନ୍ନ କ୍ଲବ ପକ୍ଷରୁ ଗଣେଶଙ୍କର ଭିନ୍ନ ଭିନ୍ନ ଆକର୍ଷଣୀୟ ମୂର୍ତ୍ତି ତିଆରି କରାଯାଇ ପୂଜା କରାଯାଏ। ଚଳିତବର୍ଷ ୩୮ କ୍ଲବର ପ୍ରାୟ ୩ହଜାର ସଦସ୍ୟ 'ବିବେକାନନ୍ଦ ମାର୍ଗ ଗଣପତି ସମନ୍ୱୟ କମିଟି' ଗଠନ କରିଛନ୍ତି। ପ୍ରତି କ୍ଲବର ୫ଜଣ ଲେଖାଏଁ ସଦସ୍ୟ ଟ୍ରାଫିକ୍‌ଜନିତ ସମସ୍ୟା ପାଇଁ ଜିଲା ପ୍ରଶାସନକୁ ସହଯୋଗ କରିବାର ନିଷ୍ପତ୍ତି ନିଆଯାଇଥିବା କମିଟି ସଭାପତି ସନ୍ତୋଷ ଅଗସ୍ତି ପ୍ରକାଶ କରିଛନ୍ତି।

ଚଳିତବର୍ଷ ଟାଉନହଲସ୍ଥିତ କ୍ଲବ ପାରାଡ଼ାଇଜ୍ ଓ ମୋତିଗଞ୍ଜ ଚୌକବଜାରସ୍ଥିତ ବଏଜ୍ କ୍ଲବରେ ପୂଜା ପାଉଥିବା ଶ୍ରୀଗଣେଶଙ୍କର ରୌପ୍ୟଜୟନ୍ତୀ ପାଳନ କରାଯିବ। ଏଥିନିମନ୍ତେ କ୍ଲବ ପାରାଡ଼ାଇଜ୍ ତରଫରୁ ବିଶେଷ ଭାବେ ୫ଦିନ ଧରି ପୂଜାର୍ଚ୍ଚନା ସହ ଦୀର୍ଘକାୟ ମୂର୍ତ୍ତି, ସୁସଜ୍ଜିତ ତୋରଣ ସହିତ ଚାରାରୋପଣ, ରକ୍ତଦାନ ଶିବିର, ଚିତ୍ରାଙ୍କନ, ରଙ୍ଗୋଲି ଓ ସଙ୍ଗୀତ ପ୍ରତିଯୋଗିତା ସାମିଲ ରହିଛି। ଚଳିତବର୍ଷ ପୂଜାରେ ୭ରୁ ୮ଲକ୍ଷ ଟଙ୍କାର ବଜେଟ୍ ସ୍ଥିର କରାଯାଇଥିବା ସମ୍ପାଦକ ଆଦିତ୍ୟ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ସେହିପରି ବଏଜ୍ କ୍ଲବ ପକ୍ଷରୁ ୧୧ଦିନ ଧରି ପାଳନ ହେବ ରୌପ୍ୟ ଜୟନ୍ତୀ ଉତ୍ସବ। ଏହି କ୍ଲବରେ ୨୫ଜଣ ସଦସ୍ୟ ରହିଛନ୍ତି। ନିଜସ୍ୱ ଆର୍ଥିକ ସହାୟତାରେ ଉତ୍ସବ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ୧୬ଫୁଟ୍‌ର ମୂର୍ତ୍ତି ସହ ଆକର୍ଷଣୀୟ ତୋରଣ, ରଙ୍ଗବେରଙ୍ଗର ଲାଇଟ୍ ସମେତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୬ଲକ୍ଷ ଟଙ୍କା ବଜେଟ୍ ସ୍ଥିର କରାଯାଇଥିବା ବରିଷ୍ଠ ସଦସ୍ୟ ଦିନେଶ କୁମାର ସେଠୀ ପ୍ରକାଶ କରିଛନ୍ତି। ସଭାପତି ଭବାନୀଶଙ୍କର ଦତ୍ତ, ସମ୍ପାଦକ ପ୍ରଶାନ୍ତ ସାହୁ, ବରିଷ୍ଠ ସଦସ୍ୟ ତାପସ ଆଢ଼୍ୟ, ଶିବଶଙ୍କର ଦତ୍ତ, ଜନ୍ମେଜୟ ଦତ୍ତ ଓ ପ୍ରୀତମ୍ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଲାଗିପଡ଼ିଛନ୍ତି।



ପାରାଡାଇଜ୍ କ୍ଲବ ପକ୍ଷରୁ ନିର୍ମାଣାଧୀନ ଗଣେଶ ମୂର୍ତ୍ତି।

## ସଂକ୍ଷେପରେ

### ଲମ୍ବୋଦର ଜିଲା କୈବର୍ତ୍ତ ମହାସଭା ସଭାପତି

ବାଲିଆପାଳ, ୨୬।୮(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଚୌଧୁରୀକୁଦ ଗ୍ରାମର ଯୁବନେତା ତଥା ମଧୁପୁରା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା ଜିଲା କୈବର୍ତ୍ତ ମହାସଭାର ସଭାପତି ଭାବେ ମନୋନୀତ ହୋଇଛନ୍ତି। ଗତ ୨୧ ତାରିଖରେ ବରଗଡ଼ ଜିଲା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ୫ମ ସାଧାରଣ ଅଧିବେଶନରେ ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ତାଙ୍କ ନାମ ଘୋଷଣା କରିଛନ୍ତି। ଜିଲା ସଭାପତି ଭାବେ ମାହାନା ୫ବର୍ଷ ତାଙ୍କର କାର୍ଯ୍ୟ ସମ୍ପାଦନ କରିବେ। କୈବର୍ତ୍ତ ସମ୍ପ୍ରଦାୟର ଉନ୍ନତି ପାଇଁ ସେ ପ୍ରଚେଷ୍ଟା କରିବେ ବୋଲି କହିଛନ୍ତି। କୈବର୍ତ୍ତମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ମଧ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଖୁବ୍‌ଶୀଘ୍ର ବାଲିଆପାଳଠାରେ କୈବର୍ତ୍ତ ମହାସଭାର ଏକ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସେ ମଧ କହିଛନ୍ତି। ମାହାନାଙ୍କୁ ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ସୁଧୀର ଖଣ୍ଡା, ରାଜ୍ୟ କାର୍ଯ୍ୟକାରୀ ସଭାପତି ମନୋଜ ବେହେରା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ମହିଳାଙ୍କୁ ଅପହରଣ ପରେ ବଳାତ୍କାର

କୁଳିଅଣା, ୨୬।୨୨(ସ୍ୱ.ପ୍ର)- ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଞ୍ଚଳର ଜନୈକା ବିବାହିତା ମହିଳାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୮୧/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସାନଯୁଗିବନ୍ଧ ଗ୍ରାମର କୁନା ବିଦ୍ଧାଣୀ ପୋଲିସ ସୂଚନା ଅନୁଯାୟୀ, ଗତ ୨୧ ତାରିଖରେ ଅଭିଯୁକ୍ତ କୁନା ଉକ୍ତ ମହିଳାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରିନେଇ କଇଫୁଲିଆ ସ୍ଥିତ ଏକ ଚାଳଘରେ ରଖି ବଳାତ୍କାର କରିଥିଲେ। ସକାଳେ ଅଟୋରେ ବାରିପଦା ଯାଇଥିଲେ। ସେଠାରୁ ବାଲେଶ୍ୱର ରେଳ ଷ୍ଟେସନକୁ ଯାଇ ରହିଥିଲେ। ମଙ୍ଗଳବାର ସକାଳୁ ବସ୍‌ରେ ବାରିପଦା ଆସି ଅମ୍ବିକା ମନ୍ଦିରରେ ବିବାହ କରିଥିଲେ। ତେବେ ଅଭିଯୁକ୍ତ ତାଙ୍କୁ ସାଙ୍ଗରେ ଘରକୁ ନ ନେବାରୁ ମହିଳା ଜଣକ ୨୫ ତାରିଖରେ ଚାନ୍ଦୁଆ ଥାନାରେ ଅଭିଯୋଗ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା

ଧାମନଗର, ୨୬।୮(ଡି.ଏନ.ଏ)-ଭଦ୍ରକ ଜିଲା ଧାମନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଖବରଦାତା ଅନନ୍ତ ଜେନାଙ୍କ ସ୍ତ୍ରୀ ସ୍ୱର୍ଗତ ମାନସୀ ଜେନାଙ୍କ ଏକାଦଶାହ ଅବସରରେ ତାଙ୍କ ବାସଭବନ ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରସାନନ୍ଦ ମହାପାତ୍ରଙ୍କ ସଞ୍ଚାଳନାରେ ଆୟୋଜିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଧାମନଗର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ନିବେଦିତା ଜେନା, ଭାଜପା ନେତା ବଦ୍ରି ନାରାୟଣ ଧଳ, ଅଭିମନ୍ୟୁ ସେଠୀ, ଜଗନ୍ନାଥ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ରଞ୍ଜିତା ସ୍ୱାଇଁ, ବାସୁଦେବ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

### ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରଲୋକ

ବନ୍ତ, ୨୬।୮(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ରାଉତ(୫୩)ଙ୍କ ଶୁକ୍ରବାର ଭୋର ସମୟରେ ପରଲୋକ ହୋଇଛି। ୭ଦିନ ତଳେ ଅସୁସ୍ଥତା ଯୋଗୁ ସେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ଟିଲୋ ମଧୁପୁର ଗ୍ରାମରେ। ମରଶରୀରକୁ ପଧାନପଡ଼ାଠାରୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ବନ୍ତ ବଜାର ଓ ଟିଲୋ ପଞ୍ଚାୟତ ପରିକ୍ରମା କରାଯାଥିଲା। ଶୋଭାଯାତ୍ରାରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ବିଜେଡି ସମ୍ପାଦକ ସୁବାସ ଦାସ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ବିପିନ ନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା, ଯୁବନେତା ଅକ୍ଷୟ ଦାସ, ପୂର୍ବତନ ସରପଞ୍ଚ ଅଶୋକ ମହାନ୍ତି, ସନ୍ତୋଷ ବାରିକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବଟକୃଷ୍ଣ ମହାନ୍ତି, ସମିତିସଭ୍ୟ ପରମେଶ୍ୱର ବାରିକ, ସମୀମ୍ ନୱାଜ୍, ପଞ୍ଚାୟତ ବିଜେଡି ସଭାପତି ସୁଧୀର ନାୟକ ପ୍ରମୁଖ ସାମିଲ ଥିଲେ। ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟ ସାଧନ ବେଜ, ମହାନ୍ତିପଡା ସମିତିସଭ୍ୟା ନିର୍ମଳା ନାୟକ, ନେରଡା ସରପଞ୍ଚ ଦେବଦାସୀ ଜେନା, ପୂର୍ବତନ ସରପଞ୍ଚ କୃପାସିନ୍ଧୁ ସେଠୀ, ସରପଞ୍ଚ ସଂଗ୍ରାମ କେଶରୀ ଜେନା ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ଖତ ଖାଉଛି ସରକାରୀ ଆମ୍ବୁଲାନ୍ସ

■ସିଡିଏମ୍‌ଓଙ୍କ କ୍ୱାର୍ଟର୍ସ ପରିସରରେ ପଡ଼ି ରହିଛି
■ମୟୂରଭଞ୍ଜରେ ରୋଗୀ ପରିବହନ ସେବା ବିପର୍ଯ୍ୟସ୍ତ

ବାରିପଦା ଅଫିସ, ୨୬।୮

ମୟୂରଭଞ୍ଜ ଜିଲାରେ ରୋଗୀ ପରିବହନ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆବଶ୍ୟକତାଠାରୁ କମ ସଂଖ୍ୟକ ଆମ୍ବୁଲାନ୍ସ ରହିଥିବା ବେଳେ ଚାଳକ ଅଭାବରୁ ବହୁ ଗାଡ଼ି ଅଚଳ ହୋଇ ପଡ଼ିରହିଛି। ବର୍ଷ ବର୍ଷ ଧରି ଖରାବର୍ଷାରେ ପଡ଼ିରହି ଏହା ଖତ ଖାଉଥିବା ବେଳେ ବିଭାଗ ପକ୍ଷରୁ ନିଲାମ କରାଯାଉ ନାହିଁ। ଏପରିକି ଜରୁରୀକାଳୀନ ସେବା ଯୋଗାଉଥିବା ସଂସ୍ଥା ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ରୋଗୀଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନେବାକୁ ପଡୁଛି। ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟକାର୍ଡ ପ୍ରଚଳନ କରିବା ପରେ ମଧ ବଣପାହାଡ଼ ଘେରା ଅଞ୍ଚଳବାସୀ ଉତ୍ତମ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

ବାରିପଦାଠାରେ ପିଆର୍‌ଏମ୍ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାର ୨୬ ବ୍ଲକରେ ଥିବା ୪୦୫ପଞ୍ଚାୟତର ୩୯୬୬ଟି ଗ୍ରାମରେ ସରକାରଙ୍କ ପକ୍ଷରୁ ଜରୁରୀ ସେବା ଯୋଗାଇ ଦିଆଯାଉଛି। ଜିଲାରେ ବର୍ତ୍ତମାନ ୧୩ ଆମ୍ବୁଲାନ୍ସ ଓ ୪୧ଟି ୧୦୮ଆମ୍ବୁଲାନ୍ସ କାର୍ଯ୍ୟ କରୁଛି। ଆମ୍ବୁଲାନ୍ସ ଚାହିଦା ବୃଦ୍ଧି ତୁଳନାରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅଧିକ ଗାଡ଼ି ଦିଆ ନ ଯିବାରୁ ଲୋକେ ଘରୋଇ ଆମ୍ବୁଲାନ୍ସ ନେବାକୁ ବାଧ୍ୟ ହେଉଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଧୀନରେ ୧୩ଟି ଆମ୍ବୁଲାନ୍ସ ଚଳାଚଳ ଉପଯୋଗୀ ରହିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଖତ ଖାଉଛି। ଅଚଳ ଯାନବାହନ ନିଲାମ କରାଯାଉ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାନ ଅଭାବ ଯୋଗୁ ସିଡିଏମ୍‌ଓଙ୍କ କ୍ୱାର୍ଟର୍ସ ପରିସର ଡମ୍ପିଂ ୟାର୍ଡ଼ ପାଲଟିଛି। ସେଠାରେ ସରକାରୀ ଓ ବିଭିନ୍ନ ସୂତ୍ରରୁ ରୋଗୀ ପରିବହନ ସେବା ପାଇଁ ମିଳିଥିବା ଆମ୍ବୁଲାନ୍ସ ଗୁଡ଼ିକ ଅଚଳ ଅବସ୍ଥାରେ ପଡ଼ିରହିଛି। ସେହିପରି ଆମ୍ବୁଲାନ୍ସ ଚାଳକ ଅଭାବରୁ ଠିକ୍ ସମୟରେ ରୋଗୀଙ୍କ ନିକଟରେ ସେବା ପହଞ୍ଚ ପାରୁନାହିଁ। ୫୧ଟି ମଞ୍ଜୁର ପଦବୀ ସ୍ଥାନରେ ୨୨ଜଣ ଚାଳକ କାର୍ଯ୍ୟ କରୁଛନ୍ତି। ଜିଲାରେ ୧୩ଟି ଆମ୍ବୁଲାନ୍ସ, ୨ଟି ସ୍ୱର୍ଗ ରଥ, ଗୋଟିଏ ମହାପ୍ରୟାଣ ଗାଡ଼ି ସମେତ ସିଡିଏମ୍ ଓ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଗାଡ଼ି ମିଶି ୩୦ଟି ସରକାରୀ ଯାନ ରହିଛି। ଅଧିକାରୀଙ୍କ ବ୍ୟତୀତ ଆମ୍ବୁଲାନ୍ସ ଓ ଅନ୍ୟ ଗାଡ଼ିଗୁଡ଼ିକରେ ୩ ସିଫ୍ଟ କାର୍ଯ୍ୟ କରିବା ପାଇଁ ଦୈନିକ ଜଣେ ଲେଖାଏ ଚାଳକ ଦରକାର ଥିବା ବେଳେ ୨୨ଜଣ ଓ ଏଜେନ୍ସି ଜରିଆରେ ନିଯୁକ୍ତ ୧୦ଜଣ ଚାଳକଙ୍କୁ ମିଶାଇ ମୋଟ ୩୨ଜଣ ଚାଳକ କାର୍ଯ୍ୟ ତୁଲାଉଛନ୍ତି। ଆବଶ୍ୟକତାକୁ ଦୃଷ୍ଟି ଦେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାକୁ ଅଧିକ ଆମ୍ବୁଲାନ୍ସ ପ୍ରଦାନ ଓ ଚାଳକ ପଦବୀ ପୂରଣ କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରୂପଭାନୁ ଆଚାର୍ଯ୍ୟ କୁହନ୍ତି, ସମସ୍ୟା ସମ୍ପର୍କରେ ଅବଗତ ଅଛି। ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ।


ସିଡିଏମ୍‌ଓଙ୍କ କ୍ୱାର୍ଟର୍ସ ପରିସରରେ ଖତ ଖାଉଥିବା ଆମ୍ବୁଲାନ୍ସ।

## ପୋଲରେ ଝୁଲିରହିଲା ବସ୍

ରୂପସା, ୨୬।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ଗାନ୍ଧିଛକ ବାଇପାସ୍ ନିକଟ କୁଡ଼ିଆ ପୋଲ ଉପରେ ଶୁକ୍ରବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ଯାତ୍ରୀବାହୀ ବସ୍ ଅଧା ଝୁଲି ରହିଥିଲା। ବସ୍‌ରେ ଥିବା ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ବାଲେଶ୍ୱରରୁ ବାଲିଆପାଳ ଅଭିମୁଖେ ଯାଉଥିବା ନନ୍ଦିଘୋଷ ବସ ଗାନ୍ଧିଛକ ବ୍ରିଜ ପାଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ଟି ଅନ୍ୟ ଏକ ଗାଡ଼ିକୁ ସାଇଡ୍ ଦେବାକୁ ଯାଇ ଭାରସାମ୍ୟ ହରାଇ କୁଡ଼ିଆ ଛକ ନିକଟ ଏକ ପୋଲ ତଳକୁ ଅଧା ଖସିଯାଇଥିଲା। ବସ୍‌ରେ ଥିବା ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବସ୍ କର୍ତ୍ତୃପକ୍ଷଙ୍କ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# କେନ୍ଦ୍ରୀୟ ବିଦ୍ୟାଳୟର ଅଳଙ୍କରଣ ଉତ୍ସବ



ଅତିଥିଙ୍କ ସହ ମନୋନୀତ ଜଣେ କ୍ୟାପଟେନ।

କେନ୍ଦୁଝର, ୨୬।୮(ଡି.ଏନ୍.ଏ.)

କେନ୍ଦୁଝରର ରାଙ୍କିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଅଳଙ୍କରଣ ଉତ୍ସବ ଅଧ୍ୟକ୍ଷ ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝରଗଡ଼ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମବେତ ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସର୍ବଦା ସ୍ୱଚ୍ଛତା ପ୍ରତି ସଚେତନ ରହି ଅନ୍ୟମାନଙ୍କୁ ପ୍ରବର୍ତ୍ତାଇବାକୁ ସେ କହିଥିଲେ। ଏହାପରେ ଚଳିତ ଶିକ୍ଷାବର୍ଷ ପାଇଁ ସ୍କୁଲ କ୍ୟାପ୍‌ଟେନ, ଭାଇସ୍ କ୍ୟାପଟେନ, ସ୍ପୋର୍ଟ୍ସ କ୍ୟାପ୍‌ଟେନ, ଶୃଙ୍ଖଳା କ୍ୟାପ୍‌ଟେନ ଓ କ୍ଲାସ ମନିଟରମାନଙ୍କୁ ବ୍ୟାଜ୍ ପ୍ରଦାନ କରି ଅନ୍ୟମାନଙ୍କ ଲାଗି ପ୍ରେରଣା ସାଜିବାକୁ ଆହ୍ୱାନ ଦିଆଯାଇଥିଲା। ଶିକ୍ଷକ-ଅଭିଭାବକ ଆସୋସିଏଶନ ଭାଇସ ଚେୟାରମ୍ୟାନ ଏ. ଆର୍. ଖାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଆଲୋକ ଘୋଷ, ସୁମନ ମିନା, ଅନୁରାଗ ମିଶ୍ର, ମହେନ୍ଦ୍ର ଗୋଣ୍ଡ, ମେଘନାଦ ସାହୁ, ଅପର୍ଣ୍ଣା ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ଚଳିତ ମାଧ୍ୟମିକ ପରୀକ୍ଷାରେ ଉତ୍କୃଷ୍ଟ ସଫଳତା ହାସଲ କରିଥିବା ସୌମ୍ୟରଞ୍ଜନ ମହାନ୍ତ, ଅନିମେଶ ବେହେରା, ନିର୍ମାଲ୍ୟ ପ୍ରସାଦ ବାରିକ, ସିଦ୍ଧାର୍ଥ ପରିସ, ଶୁଭମ ମଲ୍ଲିକ ଓ ପ୍ରିୟଙ୍କା ମହାପାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏ ଏବଂ ଦ୍ୱାଦଶ ଶ୍ରେଣୀର ଆଶୁତୋଷ କୁଣ୍ଡୁଙ୍କୁ ୧୦ ହଜାର ଟଙ୍କା କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ପ୍ରଦାନ କରାଯାଇଥିଲା।

## ଦହିସଡା ଉଚ୍ଚ ବିଦ୍ୟାଳୟକୁ ଜିଲା ଶିକ୍ଷା ଅଧିକାରୀଙ୍କ ପରିଦର୍ଶନ

ସୋର, ୨୬।୮(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ଦହିସଡା ଉଚ୍ଚବିଦ୍ୟାଳୟକୁ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ ବିଷ୍ଣୁଚରଣ ସୁତାର ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ ଶ୍ରେଣୀ ଗୃହରେ ବିଜ୍ଞାନ ଶିକ୍ଷକ ମାନସ ରଞ୍ଜନ ପାଣିଗ୍ରାହୀ ଓ କଳା ଶିକ୍ଷକ ହିମାଂଶୁ ନାୟକ ଶିକ୍ଷାଦାନ କରୁଥିଲେ। ଜିଲା ଶିକ୍ଷାଧିକାରୀ ଶିକ୍ଷକମାନଙ୍କର ଶିକ୍ଷାଦାନରେ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ଦତ୍ତ ବିଦ୍ୟାଳୟରୁ ପ୍ରତିଦିନ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଜାତୀୟ ରାଜପଥ ଦ୍ୱାରା ବହୁ ସମସ୍ୟା ସୃଷ୍ଟି କରାଉଛି ବୋଲି ଦୃଷ୍ଟି ଆକର୍ଷଣ ପୂର୍ବକ ତାହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଜିଲା ଶିକ୍ଷାଧିକାରୀ ଆତ୍ମିକ ଓ ନୈତିକ ମୂଲ୍ୟବୋଧ ଜୀବନଦର୍ଶନ ଉପରେ ସୁନ୍ଦର ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଏହି ସମୟରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ରଶ୍ମିବାଳା ସାହୁ, ଲିପିପୁଷ୍ପା ଜେନା, ସୁଧାଂଶୁବାଳା ଦାଶ ମହାପାତ୍ର, ଶିକ୍ଷକ ରତିକାନ୍ତ ପାଣିଗ୍ରାହୀ ଏବଂ କିରାଣି ପ୍ରଶାନ୍ତ ବେଉରା ଉପସ୍ଥିତ ଥିଲେ ।

## ଖରିଫ ଧାନ ବିକ୍ରି ଲାଗି ୯୧,୦୩୯ ଚାଷୀ ପଞ୍ଜୀକୃତ

ଭଦ୍ରକ ଅଫିସ, ୨୬।୮-୨୦୨୨-୨୩ ଖରିଫ ଧାନ ବିକ୍ରି ପାଇଁ ଭଦ୍ରକ ଜିଲାରେ ମୋଟ ୯୧ ହଜାର ୩୯ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଗତ ଜୁଲାଇ ୧୫ରୁ ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ନିର୍ଦ୍ଦେଶ ଥିବାବେଳେ ଏହାକୁ ପରବର୍ତ୍ତୀ ସମୟରେ ୬ଦିନ ବୃଦ୍ଧି କରାଯାଇଥିଲା। ଚାଷୀଙ୍କ ପଞ୍ଜୀକରଣ ନିମନ୍ତେ ଜିଲାରେ ୯୬ଟି ସମବାୟ ସମିତି ଓ ୫୭ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମୋଟ ୧୫୩ ସଂସ୍ଥାକୁ ସାମିଲ କରାଯାଇଥିଲା। ଭଦ୍ରକ ବ୍ଲକରେ ୧୨ ସମବାୟ ସମିତି ଓ ୧୬ ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ୧୪,୮୫୩ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଭଣ୍ଡାରିପୋଖରୀରେ ୮ ସମିତି ଓ ୮ ଗୋଷ୍ଠୀ ମାଧ୍ୟମରେ ୧୦,୧୨୭ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସେହିପରି ବନ୍ତ ବ୍ଲକରେ ୧୦ ସମିତି ଓ ୮ ଗୋଷ୍ଠୀ ମାଧ୍ୟମରେ ୧୨,୯୯୮, ଚାନ୍ଦବାଲିରେ ୨୧ ସମିତି ଓ ୬ ମହିଳା ଗୋଷ୍ଠୀ ମାଧ୍ୟମରେ ୧୩,୩୫୬, ବାସୁଦେବପୁରରେ ୨୦ ସମିତି ଓ ୭ ମହିଳା ଗୋଷ୍ଠୀ ଦ୍ୱାରା ୧୬,୯୦୫ ଚାଷୀଙ୍କ ପଞ୍ଜୀକରଣ କରାଯାଇଛି। ଧାମନଗରରେ ୧୧ ସମିତି ଓ ୪ ମହିଳା ଗୋଷ୍ଠୀ ମାଧ୍ୟମରେ ୬,୬୮୫, ତିହିଡ଼ିରେ ୧୪ ସମିତି ଓ ୮ ମହିଳା ଗୋଷ୍ଠୀ ଦ୍ୱାରା ୧୩,୩୮୫ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ଗତବର୍ଷଠାରୁ ୧୧,୮୫୬ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ସୂଚନା ଦେଇଛନ୍ତି।

## ପଞ୍ଚଲିଙ୍ଗେଶ୍ୱର ପୀଠର ଉନ୍ନତୀକରଣ ଲାଗି ଦାବିପତ୍ର


ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।।

ନୀଳଗିରି, ୨୬।୮(ସ୍ୱ.ପ୍ର.)

ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲା ନୀଳଗିରି ନିକଟ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ। ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ପୀଠକୁ ବହୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ପ୍ରଶାସନ ପକ୍ଷରୁ ପଞ୍ଚଲିଙ୍ଗେଶ୍ୱର ପୀଠର ଆଖିଦୃଶିଆ ଉନ୍ନତିକରଣ କରାଯାଉ ନ ଥିବାରୁ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ୟାମସୁନ୍ଦର ପଞ୍ଚାୟତର ସରପଞ୍ଚ ପୁରୁଷୋତ୍ତମ ସେଠୀ ସମେତ ବହୁ ପଞ୍ଚାୟତବାସୀ ମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ହାଇମାଷ୍ଟ ଲାଇଟ ବ୍ୟବସ୍ଥା, ଶ୍ୟାମସୁନ୍ଦରପୁରଠାରୁ ବଉଳଗଡ଼ିଆ ରାସ୍ତାପାର୍ଶ୍ୱରେ ଆଲୋକୀକରଣ, ଶୈବପୀଠରେ ପାନୀୟଜଳ ବ୍ୟବସ୍ଥା, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସେନାପତି ପୋଖରୀକୁ ମଡେଲ ପୋଖରୀ କରି ବୋଟିଂ ବ୍ୟବସ୍ଥା, ଶୈବପୀଠରେ ସ୍ଥାୟୀ ଦୋକାନଗୃହ ନିର୍ମାଣ, ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସ୍ଥାୟୀ ପୋଲିସ ବିଟ୍ ହାଉସ ପ୍ରତିଷ୍ଠା, ପଞ୍ଚଲିଙ୍ଗେଶ୍ୱର ଛକ ଠାରୁ ଶୈବପୀଠ ପର୍ଯ୍ୟନ୍ତ ସରକାରୀ ଜାଗା ଚିହ୍ନଟ କରିବା, ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତ । ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ପୁରୁଷୋତ୍ତମ ସେଠୀ, ବର୍ଷୀୟାନ କମ୍ୟୁନିଷ୍ଟ ନେତା କୈଳାସ ପଣ୍ଡା, ସିପିଆଇ ନେତା ନିରଞ୍ଜନ ବାରିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶୁଭେନ୍ଦୁ ଶେଖର ଜେନା ଓ କପିଳ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ

ବଡ଼ବିଲ, ୨୬।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ଇନ୍ଦିରା କଲୋନୀ ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଇଟା ଓ ରକ୍ତ ଲଗା ତୀର ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଅଗଷ୍ଟିନ ବାର୍ଲା ଏବଂ ବିକାଶ ଦେଓଗମ୍।

ସୂଚନା ଅନୁଯାୟୀ, ଇନ୍ଦିରା କଲୋନୀରେ ରହୁଥିବା ସୁଶିଲ ଖଣ୍ଡାୟତ ନାମକ ଯୁବକଙ୍କ ସହ ଅଭିଯୁକ୍ତ ଦ୍ୱୟଙ୍କର ପୂର୍ବ ଶତ୍ରୁତା ରହିଥିଲା। ଗତ ସୋମବାର ରାତିରେ ସୁଶୀଲଙ୍କୁ ଆକ୍ରମଣ କରିବା ନିମନ୍ତେ ଅଭିଯୁକ୍ତ ଦ୍ୱୟ ପହଞ୍ଚିଥିଲା ବେଳେ ଏହା ଜାଣିପାରି ସୁଶୀଲ ସେଠାରୁ ଫେରାର ହୋଇଯାଇଥିଲେ। ତେବେ ଅଭିଯୁକ୍ତ ଦ୍ୱୟ ସେହି ସମୟରେ ସୁଶୀଲଙ୍କ ମା’ ଦୈମାତିଙ୍କୁ ପାଇ ଇଟା ଓ ତୀର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଦୈମାତିଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ସୁଶୀଲଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା (ନଂ.୧୯୬/୨୨) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।


ଗିରଫ ୨ ଅଭିଯୁକ୍ତ, ଜବତ ଇଟା ଓ ତୀର।

## ଇଣ୍ଟିଗ୍ରେଟେଡ୍ ବିଏଡ୍ ନାମଲେଖାରୁ ଛାତ୍ରୀଛାତ୍ର ବଞ୍ଚିତ

### ଆନ୍ଦୋଳନ ପାଇଁ ସଜବାଜ

ବାରିପଦା ଅଫିସ, ୨୬।୮

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର(ଏମ୍‌ପିସି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ବର୍ଷ ଇଣ୍ଟିଗ୍ରେଟେଡ ବିଏଡ୍ ନାମ ଲେଖାରୁ ଛାତ୍ରୀଛାତ୍ରମାନେ ବଞ୍ଚିତ ହେବେ । ନାମ ଲେଖା ପାଇଁ କଲେଜ ପକ୍ଷରୁ ପରଫର୍ମାନ୍ସ ଆପ୍ରାଇଜାଲ ରିପୋର୍ଟ (ପାର୍)ଦାଖଲ କରାଯାଇ ନ ଥିବାରୁ ନ୍ୟାସନାଲ କାଉନସିଲ ଫର୍ ଟିଚର ଏଜୁକେସନ(ଏନ୍‌ସିଟିଇ)ରୁ ଅନୁମତି ମିଳିନାହିଁ। ଫଳରେ ଏଭଳି ପରିସ୍ଥିତି ଉପୁଜିଛି। କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବାକୁ ଥିବା ବେଳେ ଅଭିଭାବକ ଓ ବିଦ୍ୟାର୍ଥୀମାନେ ଚିନ୍ତାରେ ପଡ଼ିଛନ୍ତି।

ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ବିଏଡ୍ ପାଇଁ ୪ବର୍ଷିଆ ସେଲ୍ଫ ଫାଇନାନ୍ସ କୋର୍ସର ବ୍ୟବସ୍ଥା ରହିଛି। ଏଥିରେ ନାମ ଲେଖାଇଲେ ଛାତ୍ରୀଛାତ୍ରଙ୍କ ଗୋଟିଏ ଏକାଡେମିକ ବର୍ଷ ବଞ୍ଚି ଯାଇଥାଏ । ଫଳରେ ଏକ ସମୟରେ ଗ୍ରାଜୁଏସନ ସହ ବିଏଡ୍ ପାସ କରିଥାନ୍ତି। ଏହି ସୁବିଧା ଯୋଗୁ ଜିଲା ବ୍ୟତୀତ ଝାଡ଼ଖଣ୍ଡ, ବିହାର ରାଜ୍ୟର ଛାତ୍ରୀଛାତ୍ରମାନେ ଏଠାରେ ନାମ ଲେଖାଇଥାନ୍ତି। କଳା ଓ ବିଜ୍ଞାନରେ ୫୦ଟି ଲେଖାଏ ସିଟ୍ ରହିଥିବା ବେଳେ ଚଳିତ ବର୍ଷ କଲେଜ ପକ୍ଷରୁ ଠିକ ସମୟରେ ପାର୍ ରିପୋର୍ଟ ଦିଆଯାଇ ନ ଥିବାରୁ ନାମଲେଖା ପାଇଁ କଲେଜକୁ ଅନୁମତି ମିଳି ନ ଥିବା ଜନୈକ ଅଧିକାରୀ କହିଛନ୍ତି। ଏହି ରିପୋର୍ଟ ବର୍ଷକୁ ଥରେ କଲେଜ ପକ୍ଷରୁ ପଠାଯାଇଥାଏ। ଉଚ୍ଚଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଛାତ୍ରୀଛାତ୍ର ନିବେଦନ କରିଛନ୍ତି। ଅନ୍ୟ ପକ୍ଷରେ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ କଲେଜ କର୍ତ୍ତୃପକ୍ଷ ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।

# ୨ ପଞ୍ଚାୟତକୁ ନାହିଁ ସବୁଦିନିଆ ରାସ୍ତା

ପଦ୍ମପୁର, ୨୬।୮ (ଡି.ଏନ.ଏ.)


କଣ୍ଟିଆନାଳି ରାସ୍ତା।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଗୋପବନ୍ଧୁନଗର ଓ ବିନୋବାଭାବେନଗର ପଞ୍ଚାୟତକୁ ସବୁଦିନିଆ ରାସ୍ତା ନାହିଁ। ଧାମରା-ଜାମୁଝାଡ଼ି ରାସ୍ତାର କଣ୍ଟିଆନାଳିଠାରୁ ଲୁଣାବନ୍ଧ ପର୍ଯ୍ୟନ୍ତ ଥିବା ୪ କି.ମି. ମାଟି ରାସ୍ତା ଉପରେ ଦୁଇ ପଞ୍ଚାୟତର ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତାୟାତ କରିଥାନ୍ତି। ଏଥିସହ ଦୁଇଟି ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ ଏହି ରାସ୍ତା ଦେଇ ପ୍ରତ୍ୟେହ ସ୍କୁଲକୁ ଯିବାଆସିବା କରନ୍ତି। ବର୍ଷାଦିନେ ଉକ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି। ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଆଣ୍ଠୁଏ କାଦୁଅ ରାସ୍ତାରେ ଯାତାୟାତ କରିବା ପାଇଁ ଲୋକେ ବାଧ୍ୟ ହେଉଛନ୍ତି। ଜରୁରୀ ସମୟରେ ଆମ୍ବୁଲାନ୍ସ ଗ୍ରାମ ମଧକୁ ଯାଇପାରୁ ନାହିଁ। ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କୁହାଯାଇଛି।

ଏ ସମ୍ପର୍କରେ ବିନୋବାଭାବେ ନଗର ସରପଞ୍ଚ ଆଦିତ୍ୟ ଗିରି ଓ ଗୋପବନ୍ଧୁନଗର ସରପଞ୍ଚ ବଳରାମ ଗିରିଙ୍କୁ ପଚାରିବାରୁ ସେମାନେ ଲିଖିତ ଭାବେ ବିଡିଓଙ୍କୁ ଅବଗତ କରାଇଥିବା କହିଛନ୍ତି। ଏନେଇ ବିଡିଓ ସତ୍ୟଜିତ ରାଉତ କହିଛନ୍ତି, ଦୁଇ ପଞ୍ଚାୟତର ଲୋକଙ୍କ

### କାଦୁଅରେ ଯାଉଛନ୍ତି ଲୋକେ

ଯାତାୟାତ ନିମନ୍ତେ ଚଣ୍ଡିପୋଖରୀଠାରୁ ନନ୍ଦଛକ ୫ କି.ମି. ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଚିଠି ନଂ. ୨୬୭୨ ତା ୧୦।୮।୨୨ରିଖରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରାଇଛନ୍ତି। ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅନୁମତି ପରେ ଉକ୍ତ ରାସ୍ତା କାମ ଆରମ୍ଭ କରାଯିବ। ଅପରପକ୍ଷେ ତୁରନ୍ତ ଏହି ରାସ୍ତା ନିର୍ମାଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଭିଳାଷ ଗିରି, ଭାକୁ ଜେନା, ବସନ୍ତ ଗିରି, ଗଣେଶ ମଣ୍ଡଳ, ଚିତ୍ତ ମାଇତି, ମନୁ ମଣ୍ଡଳ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

